# Akashvani, Sambalpur

## SAMBALPURI NEWS EVENING BULLETIN

## 22 july 2026-7.02- 7.12 pm.

---

୧- ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ସଂସଦ୍‌ର ଗୃହକାର୍ଯ୍ୟ ବାଧାପ୍ରାପ୍ତ ।

- ଆଏବାକାଏଲ୍ ୧୧ ବଜେତକ୍ ଦୁହି ଗୃହ ହେଲା ମୁଲ୍‌ତବୀ ।

୨- ମହାପ୍ରଭୁଙ୍କର୍ ବାହୁଡ଼ା ଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

୩- ୨ ଦିନିଆ କଲାହାଣ୍ଡି ଜିଲ୍ଲା ଗସ୍ତଥି ଆସିକରି ଭିନ୍ ଭିନ୍ ସୁଭଦ୍ରା ଶକ୍ତି ପ୍ରକଳ୍ପର୍ ଉଦ୍‌ଘାଟନ୍ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଆଉର୍

୪- ସାରା ଦେଶେ ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ପତାକା ଅଙ୍ଗୀକାର୍ ଦିବସ୍ ।

ସଂସଦ୍         ଆର୍‌ଏନ୍‌ୟୁ/ କଟକ୍

ନିଟ୍ ପ୍ରଶ୍ନପତ୍ର ଲିକ୍ ମାମ୍‌ଲା ଆଉ ଅଲ୍‌ଗା କେତେଟା ପ୍ରସଙ୍ଗକେ ନେଇକରି ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ଲୋକ୍‌ସଭା ଗୃହକାର୍ଯ୍ୟ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ରଖାଯାଇଛେ । ଲୋକ୍‌ସଭା ନ ଆଏଜ୍ ସଖାଲ୍‌ବେଲା ଗୃହକାର୍ଯ୍ୟ ମୁଲ୍ ହେଉନ୍‌ସାର୍ ବିରୋଧୀ ସଦସ୍ୟ ପ୍ରତିବାଦ୍ କର୍‌ବାର୍‌ନୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ପରିସ୍ଥିତିକେ ନଜର୍‌ଥି ରଖିକରି ଗୃହକେ ପହେଲା ମଏଧାନର୍ ୧୨ ତାର୍ ଉତ୍‌ରୁ ୨ ବଜେତକ୍ ମୁଲ୍‌ତବୀ ରଖାଯାଇଥିଲା । ବାଚସ୍ପତି ଓମ୍ ବିର୍ଲା ଗୃହ କାର୍ଯ୍ୟଥି ସହଯୋଗ୍ କର୍‌ବାର୍‌କେ ବିରୋଧୀ ସଦସ୍ୟମାନ୍‌କୁ ଅନୁରୋଧ୍ କରିଥିଲେ ଭିଲ୍ କେନ୍‌ସି ପ୍ରକାରର୍ ସୁଧାର୍ ନାଇଁ ଆସିଥିବାର୍‌ନୁ ଲୋକ୍‌ସଭାକେ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍, ସର୍‌କାର୍ ନିଟ୍ ପ୍ରଶ୍ନପତ୍ର ପ୍ରଘଟ୍ ମାମ୍‌ଲାଥି ଆଲୋଚନା କର୍‌ବାର୍‌କେ ପୁରାପୁରି ପ୍ରସ୍ତୁତ୍ ଅଛନ୍ । ହେଲେ ଗୃହ ନ ଆଲୋଚନା ଲାଗି ଥିବା ବିଧି ଅନ୍‌ସାରେ ଇତାକେ ଗ୍ରହଣ୍

କରାଯିବାର୍ ଉଚିତ୍ । ଆଲୋଚନାର୍ ସମିଆକେ ନେଇକରି ସବୁ ଦଲର୍ ନେତାମାନ୍କରନୁ ଶ୍ରୀ ରିଜିଜୁ ପରାମର୍ଶ ମାଗିଛନ୍ । ଦେଶର୍ ଯୁଆନ୍ ପିଢ଼ିଙ୍କର୍ ଭବିଷ୍ୟତ୍କେ ନଜର୍ଥି ରଖିକରି ସବୁ ଅଂଶୀଦାର୍ମାନ୍କର୍ ସାଙ୍ଗେ ଅର୍ଥପୂର୍ଣ୍ଣ ଆଉ ଗଠନ୍ମୂଲକ୍ ଆଲୋଚନା କର୍ବାର୍କେ ସର୍କାର୍ ଆଗ୍ରହୀ ବଲି ଶ୍ରୀ ରିଜିଜୁ କହିଛନ୍ ।

(ଭଏସ୍ ଓଭର୍- କିରେନ୍ ରିଜିଜୁ)

ରାଜ୍ୟସଭା ନ ଭିଲ୍ ସମାନ୍ ପରିସ୍ଥିତି ଦେଖିବାର୍କେ ମିଲିଥିଲା ।

ଗୃହକାର୍ଯ୍ୟ ମୁଲ୍ ହେଉନ୍ସାର୍ ବିରୋଧୀମାନ୍କର୍ ହୋହଲ୍ଲା ଲାଗି ପହେଲା ମଏଧାନର୍ ୧୨ ବଜେ ତକ୍ ଉପାଧ୍ୟକ୍ଷ ହରିବଂଶ ଗୃହକେ ମୁଲ୍ତବୀ ଘୋଷ୍ନା କରିଥିଲେ । ପ୍ରଶ୍ନକାଳ ସଂସଦୀୟ କାମ୍ର ଗୁଟେ ଜରୁରୀ ଅଂଶ ହେଇଥିବାର୍ନୁ ଇଥି ସହଯୋଗ୍ କର୍ବାର୍କେ ସେ ବିରୋଧୀ ସଦସ୍ୟମାନ୍କୁ ଅନୁରୋଧ୍ କରିଥିଲେ । ହେଲେ ବାରମ୍ବାର୍ ଅନୁରୋଧ୍ ଉତ୍ରୁ ଭିଲ୍ ପରିସ୍ଥିତିଥି ପରିବର୍ତନ୍ ନାଇଁହେବାର୍ନୁ ଗୃହକାର୍ଯ୍ୟକେ ଆଏବାକାଏଲ୍ତକ୍ ମୁଲ୍ତବୀ ଘୋଷ୍ନା କରାଯାଇଛେ ।

ବାହୁଡ଼ା ଯାତ୍ରା ବୈଠକ୍ ଭୁବ୍ନେଶ୍ୱର୍ ସମ୍ବାଦଦାତା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବାହୁଡ଼ାଯାତ୍ରା ପ୍ରସ୍ତୁତି ବାବଦ୍ ସମୀକ୍ଷା ବୈଠକ୍ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବନେଶ୍ୱର୍ ଲୋକ୍ସେବା ଭବନ୍ ନ ହେଇଯାଇଛେ । ଆଇନ୍ଶୃଙ୍ଖଳା ଆଉ ସୁରକ୍ଷା କ୍ଷେତ୍ରଥି କେନ୍ସି ପ୍ରକାର୍ ସାଲିସ୍ ନାଇଁ କରାଯାଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଭିଡ଼୍ ପରିଚାଲନା ଆଉ ସୂଚନା ସଂଚାର୍ ଉପ୍ରେ ଅଏତ୍କା ଜୋର୍ ଦେବାର୍କେ ଶ୍ରୀ ମାଝୀ ଅଧିକାରୀମାନ୍କୁ ପରାମର୍ଶ ଦେଇଛନ୍ । ଇତାର୍ ସହେତେ ଭକ୍ତ ଆଉ ଶ୍ରଦ୍ଧାଳୁମାନ୍କୁ ପ୍ରଶାସନ୍ ଆଉ ପୁଲିସ୍ର ମାର୍ଗଦର୍ଶିକା ପାଲନ୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ନିବେଦନ୍ କରିଛନ୍ । ଆଗ୍କେ ବାହୁଡ଼ା ଯାତ୍ରା ସାଙ୍ଗେ ମହାପ୍ରଭୁଙ୍କର୍ ସୁନାବେଶ ଆଉ ନୀଳାଦ୍ରୀ ବିଜେଥି ସବୁ ନୀତିକାନ୍ତି ଯେନ୍ତା ଠିକ୍ ଭାବେ ହେବା ସେଥିର୍ଲାଗି ଖାସ୍ ଧିଆନ୍ ଦିଆଯାଇଛେ । ରଥଯାତ୍ରା ସମିଆଥି ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ୨ ଝନ୍କର୍ ଜୀବନ୍ ଯିବାର୍ ଘଟ୍ନାଥି ମୁଖ୍ୟମନ୍ତ୍ରୀ ଦୁଖପ୍ରକାଶ୍ କର୍ବାର୍ ସହେତେ ତାଙ୍କର୍ ପରିବାର୍ ଲୁକ୍କର୍ ଲାଗି ସମବେଦନା ଜନେଇଛନ୍ । ବୈଠକ୍ଥି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରଥଯାତ୍ରା ପରିଚାଲନା ବାବ୍ଦେ ବିସ୍ତୃତ୍ ତଥ୍ୟ ରଖିଥିଲେ ।

ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ ବି ଖୁରାନିଆ, ଅଗ୍ନିଶମ ମହାନିର୍ଦ୍ଦେଶକ୍ ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ପୁଲିସ୍ ପ୍ରଶାସନ୍‌ର ଭିନ୍ ଭିନ୍ ପ୍ରସ୍ତୁତି ବାବ୍‌ଦେ ସୂଚ୍‌ନା ଦେଇଥିଲେ । ଆଇନ୍ ଆଉ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ, ଉନ୍ନୟନ୍ କମିଶନର୍ ବି.କେ. ସିଂ ପ୍ରମୁଖ ଉପସ୍ଥିତ୍ ରହିକରି ବାହୁଡ଼ା ଆଉ ସୁନାବେଶ ପରିଚାଲନା ବାବ୍‌ଦେ ମତମତ୍ ଦେଇଥିଲେ ।

ପୁରୀ ଦକ୍ଷିଣ ମୋଡ଼ ପୁରୀ ସମ୍ବାଦଦାତା

ପୁରୀ ଶରଧାବାଲି ନ ଆଏଜ୍ ଶ୍ରୀବଳଭଦ୍ରଙ୍କର୍ ତାଳଧ୍ୱଜ ଆଉ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ କରାଯାଇଛେ । ଗଲାକାଏଲ୍ ଦେବୀ ସୁଭଦ୍ରାଙ୍କର୍ ରଥ ଦର୍ପଦଳନର ଦକ୍ଷିଣ ମୋଡ଼ କରାଯାଇଥିଲା । ଜବର୍ ବର୍ଷା ଲାଗି ରଥମାନ୍‌କର୍ ଇ ନୀତିକେ ସ୍ଥଗିତ୍ ରଖାଯାଇଥିଲା । ହେରାପଂଚମୀ ନୀତି ହେବାର୍ ଉତ୍‌ରୁ ମାହାପୁରୁମାନ୍‌କର୍ ବାହୁଡ଼ା ଯାତ୍ରା ଲାଗି ପ୍ରସ୍ତୁତି ମୁଲ୍ ହେଇଛେ । ଆଏବା ଶୁକ୍ରବାର୍ ଦିନ ପହପହ ୪ ବଜେ ମାହାପୁରୁମାନ୍‌କର୍

ମଙ୍ଗଲ୍‌ଆଲ୍‌ତୀ ଉତ୍‌ରୁ ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯାଇକରି ପହପହ ୫ ବଜେତକ୍ ବେଶ ଶେଷ୍ କରାଯିବା । ତାର୍ ଉତ୍‌ରୁ ମଏଧାନର୍ ୧୨ ବଜେନୁ ଅଢ଼େଇ ବଜେ ଭିତ୍‌ରେ ବାହୁଡ଼ା ପହଣ୍ଡି ଆଉ ସାଢ଼େ ୩ ବଜେ ଗଜପତି ମାହାରାଜ୍‌ଙ୍କର୍ ଛେରାପହଁରା ନୀତି ହେବା । ଉପର୍‌ବେଲା ୪ ବଜେ ଚାରମାଳ ହିଟା ଆର୍ ଘୁଡ଼ା ଲଗାଯିବାର୍ ଉତ୍‌ରୁ ରଥ୍‌ଘିଚା କାମ୍ ମୁଳ୍ ହେବା ।

ମନ୍ କି ବାତ୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍

ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୪ ତାରିଖତକ୍ ଲୁକେ ନିଜର୍ ମତାମତ୍ ଦେଇପାର୍‌ବେ ।

ଉପମୁଖ୍ୟମନ୍ତ୍ରୀ- କଲାହାଣ୍ଡି କଲାହାଣ୍ଡି ସମ୍ବାଦଦାତା

୨୦୩୬ ମସିହାତକ୍ ବିକଶିତ୍ ଓଡ଼ିଶା ଗଠନ୍‌ଥି ମହିଲାମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ୨ ଦିନିଆ କଲାହାଣ୍ଡି ଜିଲ୍ଲା ଗସ୍ତ ଥି ଆସିକରି ଶ୍ରୀମତୀ ପରିଡ଼ା ଆଏଜ୍ ଭବାନୀପାଟ୍‌ନା ସହୀଦ୍ ରେଣ୍ଡୋ ମାଝୀ ମେଡ଼ିକାଲ୍ କଲେଜ୍ ସମ୍ମିଲନୀ କକ୍ଷ ନ ହେଇଥିବା ଆଂଚଲିକ୍ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଲନୀଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଛନ୍ । ବ୍ଲକ୍‌ସ୍ତରୀୟ ମହାସଂଘ ବିଏଲ୍‌ଏଫ୍ ହେଉଛେ ସବୁ ଏସ୍‌ଏଚ୍‌ଜି ଆଶାର କେନ୍ଦ୍ର । ସୁଭଦ୍ରା ଯୋଜ୍‌ନାର୍ ଆର୍ଥିକ୍ ସାହାଜ୍‌କେ ବେଭାର୍ କରିକରି ମହିଲାମାନେ ଯେନ୍ତା ଉଦ୍ୟୋଗୀ

ହେଇକରି ନିଜର୍ କମାନି ବଢ଼େଇପାର୍‌ବେ, ସେଥିର୍‌ଲାଗି ବିଏଲ୍‌ଏଫ୍ ମୁଖିଆ ଭୂମିକା ନେବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ମହିଳାମାନ୍‌କର୍ ସଶକ୍ତିକରଣ୍ ଲାଗି ଆର୍.ଏଫ୍. ପାଣ୍ଠିକେ ୧୫ ହଜାର୍‌ନୁ ୩୦ ହଜାର୍ ଟଙ୍କା ଆଉ ସିଆଇଏଫ୍‌କେ ୩୫ ଲାଖ୍ ନୁ ୬୦ ଲାଖ୍ ଟଙ୍କାକେ ବଢ଼ାଯାଇଛେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ୯ କୋଟି ୩ ଲାଖ୍ ୫୦ ହଜାର୍ ଟଙ୍କାଥି ତିଆର୍ ଜିଲ୍ଲାର୍ ଭିନ୍ ଭିନ୍ ସୁଭଦ୍ରା ଶକ୍ତି ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଢ଼ା ଆଜୀବିକ ଗ୍ରାମୀଣ ଏକ୍ସପ୍ରେସ୍ ଯୋଜ୍‌ନା ଆଉ ମିଲେଟ୍ ଅନ୍ ହ୍ୱିଲ୍‌ର ଭିଲ୍ ଶୁଭାରମ୍ଭ କରିଛନ୍ ।

ସମ୍ମିଲନୀଥି କଲାହାଣ୍ଡି, ନବରଙ୍ଗ୍‌ପୁର୍, କୋରାପୁଟ୍, ନୂଆପଡ଼ା, ମାଲ୍‌କାନ୍‌ଗିରି ବାଗିର୍ ୫ ଟା ଜିଲ୍ଲାର୍ ୫ ଶହ ୬୧ ଝନ୍ ବିଏଲ୍‌ଏଫ୍ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଯୋଗ୍ ଦେଇଥିଲେ । ତାର୍ ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ ଗୋଷ୍ଠୀ ସହାୟକ କର୍ମଚାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ । ଆଏବା କାଏଲ୍ ସେ ରାବଣ୍‌ଧାରା ଆଉ ଫୁର୍ଲିଝରନ୍ ବାଗିର୍ ପର୍ଯ୍ୟଟନ୍‌ସ୍ଥଲୀ ଗସ୍ତ କର୍‌ବାର୍ ସହେତେ ଅଙ୍ଗନବାଡ଼ି କର୍ମୀ ଆଉ ମହିଳା ଆଉ ଶିଶୁ କଲ୍ୟାଣ୍ ବିଭାଗ୍‌ର

ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ ବଲି ଜନାପଡ଼ିଛେ ।

ଜାତୀୟ ପତାକା ଅଙ୍ଗୀକାର୍ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆମର୍ ଦେଶର୍ ସାଂସ୍କୃତିକ୍ ବିବିଧତା ଆଉ ଏକତା ଲାଗି ୧୯୪୭ ମସିହା ଆଝିରର୍ ଦିନେ ଭାରତୀୟ ସମ୍ବିଧାନ ସଭା ଜାତୀୟ ପାତାକାକେ ଅପ୍‌ନେଇଥିଲା । ଇ ଦିନ୍‌କେ ସୁର୍‌ତା କରି କରି ଆଏଜ୍ ଜାତୀୟ ପତାକା ଅଙ୍ଗୀକାର୍ ଦିବସ୍ ପାଲନ୍ କରାଯାଉଛେ । ଆମର୍ ଜାତୀୟ ପତାକାକେ ତ୍ରିରଙ୍ଗା ବଲି କୁହାଯାଏସି । ତ୍ରିରଙ୍ଗାର୍ ଉପର୍ ଭାଗ୍‌ଥି ଥିବା ନାରଙ୍ଗୀ ରଙ୍ଗ ଦେଶର ଶକ୍ତି ଆଉ ସାହାସ୍‌ର ପ୍ରତୀକ୍ ହେଇଥିବାର୍‌ବେଲେ ମଝିର୍ ଧୋବ୍ ରଙ୍ଗ ଶାନ୍ତି ଆଉ ସତ୍ୟର୍ ପ୍ରତୀକ ଆଉ ତଲ୍ ଭାଗର୍ ଶାଗୁଆ ରଙ୍ଗ ଦେଶର୍ ବିକାଶ ଆଉ ଉର୍ବର୍‌ତାର୍ ପ୍ରତୀକ୍ ଆଏ । ମଝି ଥିବା ନିଲିଆ ରଙ୍ଗର୍ ଅଶୋକ ଚକ୍ରଥି ଥିବା ୨୪ଟା ଅଖ ନିରନ୍ତର୍ ପ୍ରଗତିର୍ ପ୍ରତୀକ୍ ଆଏ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍, ତ୍ରିରଙ୍ଗାକେ ସବୁ ନାଗରିକ୍ମାନ୍କର୍ ସାଙ୍ଗେ ଜୁଡ଼୍ବାର୍ ଲାଗି ପତାକା ନିୟମାବଳୀର ସରଳୀକରଣ୍ ଆଉ ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍ ସାରା ଦେଶେ ରାଷ୍ଟ୍ର ଚେତନାକେ ଉଜ୍ଜିବିତ କରିଛେ ।

ରୋବୋଟିକ୍ ସେବା ଆର୍ଏନ୍ୟୁ/ ସମ୍ବଲପୁର

ରେଲ୍ଷ୍ଟେସନ୍ଥି ଯାତ୍ରୀଙ୍କର୍ ସୁରକ୍ଷାକେ ନଜର୍ଥି ରଖିକରି ପୂର୍ବତଟ ରେଲ୍ବାଇ ତର୍ଫୁ କୃତିମ ବୁଦ୍ଧିମତା- ଏ.ଆଇ. ରୋବୋଟିକ୍ ସେବା ମୁଲ୍ ହେଇଛେ । ପହେଲା ଖେପ୍ଥି ପୁରୀ ରେଲ୍ଷ୍ଟେସନ୍ ନ ଇଟାକେ ମୁଲ୍ କରାଯାଇଛେ । ବାହୁଡ଼ା ଯାତ୍ରା ଶେଷ୍ ହେବାର୍ତକ୍ ଇ ରୋବୋଟ୍ ପୁରୀ ନ ରହେବା । ତାର୍ ଉତ୍ରୁ ଭୁବ୍ନେଶ୍ୱର୍ ରେଲ୍ଷ୍ଟେସନ୍ ନ ସ୍ଥାୟୀ ଭାବେ କାର୍ଯ୍ୟକାରୀ କରାଯିବା । ୪୦ ଲାଖ୍ ଟଙ୍କାର୍ ଇ ଏ.ଆଇ. ରୋବୋଟ୍ଥି ୭ ଟା ୩୬୦ ଡିଗ୍ରୀ କେମ୍ରା ଲାଗିଛେ । ଯାତ୍ରୀମାନ୍କର୍ ସୁରକ୍ଷା ଦିଗେ ଇଟା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ବଲି ରେଲ୍ବାଇ ତର୍ଫୁ କୁହାଯାଇଛେ ।

## ରମାଦେବୀ ଚୌଧୁରୀ-ପୁଣ୍ୟତିଥି ଆଇ.ଆଣ୍ଡ୍.ପି.ଆର୍

ସ୍ୱାଧୀନତା ସଂଗ୍ରାମୀ ଆଉ ସେବା ସମର୍ପଣ୍‌ର ପ୍ରତୀକ ରମାଦେବୀ ଚୌଧୁରୀଙ୍କର୍ ପୂଣ୍ୟତିଥି ଅବ୍‌ସରେ ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଭୁବ୍‌ନେଶ୍ୱର୍ ବିଧାନ୍‌ସଭା ପାଶେ ଥିବା ତାଙ୍କର୍ ପ୍ରତିମୂର୍ତିଥି ଅବ୍‌ସରେ ଗୁଟେ ମାଲ୍ୟାର୍ପଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ସଦସ୍ୟମାନେ ଉପସ୍ଥିତ୍ ରହିକରି ସ୍ୱର୍ଗତ ରମାଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

## ସ୍ୱାଧୀନତା ଦିବସ-ପ୍ରସ୍ତୁତି ବୈଠକ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଠାନେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ପାଲନ୍ ଲାଗି ଜିଲ୍ଲାପରିଷଦ୍ ସମ୍ମିଳନୀ କକ୍ଷ ନ ଅତିରିକ୍ତ ଜିଲ୍ଲାପାଲ୍ ଅଶୋକ୍ କୁମାର୍ ଭୋଇଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ବଛର୍ ସଖାଲର୍ ୫ ବଜୁ ମହାନଗର୍

ନିଗମ୍ ଇଲାକା ନ ରାମ୍ଧୁନ୍ ପରିବେଷଣ୍ ହେବାର୍ ସହେତେ ସଖାଲର୍ ୯ ବାଜିକରି ୧୫ ମିନିଟ୍ଥି ମୁଖ୍ୟଅତିଥି ଜାତୀୟ ପତାକା ଉତୋଲନ୍ କର୍ବେ । ଇତାର୍ସହେତେ ସବୁ ସର୍କାରୀ ଆଉ ବେସର୍କାରୀ ଅନୁଷ୍ଠାନ୍ ନ ସଖାଲର୍ ୭ ନୁ ସାଢ଼େ ୭ ବଜେ ଭିତ୍ରେ ଜାତୀୟ ପତାକା ଉତୋଲନ୍ କରାଯିବା । ଛାତ୍ରଛାତ୍ରୀମାନ୍କର୍ ଲାଗି ଭିନ୍ ଭିନ୍ ପ୍ରତିଯୋଗିତାର୍ ଆୟୋଜନ୍ କରାଯିବାର୍ ସହେତେ ଅଗଷ୍ଟ ୧, ୧୨ ଆଉ ୧୩ ତାରିଖ୍ ରିଜର୍ଭ ପୁଲିସ୍ ଗ୍ରାଉଣ୍ଡ୍ ନ ପେରେଡ୍ ଅଭ୍ୟାସ୍ କରାଯିବା ବଲି ବୈଠକ୍ନୁ ଜନାପଡ଼ିଛେ ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ଆଉ ତାର୍ ପାଖର୍ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ୍ ସାଙ୍ଗେ ଦକ୍ଷିଣ ଓଡ଼ିଶା, ଛତିଶ୍ଗଡ୍ ଆଉ ମଧ୍ୟପ୍ରଦେଶ୍ ଉପ୍ରେ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ସମ୍ବଲପୁର୍, ଝାର୍ସୁଗୁଡ଼ା,

ସୁନ୍ଦର୍‌ଗଡ୍‌, କେନ୍ଦୁଝର୍ ଜିଲ୍ଲା ନ ଅତି ଜବର୍ ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ଶୁକ୍ରବାର୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଝର_୬ ବଜେତକ୍ ୬ ଶହ ୧୩ ଦଶ୍‌ମିକ୍ ୬/୨ ଫୁଟ୍ ରହିଥିଲା । ଇ ସମିଆଥି ଜଲ୍‌ଭଣ୍ଡାର୍‌ନୁ ୧୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୨ ଲାଖ୍ ୨ ହଜାର୍ ୬୮ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୨୬ ହଜାର୍ ଶହେ ୩୯ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।